# ଡାକ୍ତରଙ୍କ ଅବହେଳା, ରୋଗୀ ମୃତ

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅବହେଳା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଏହାକୁ ନେଇ ପରିବାର ବର୍ଗ ଅସନ୍ତୋଷ ପ୍ରକାଶ କରିବା ସହିତ ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ।

କାମାକ୍ଷାନଗର ମାଳପୁରା ଗ୍ରାମର ହେମନ୍ତ କୁମାର ସାମଲଙ୍କ ଅଭିଯୋଗ ଅନୁସାରେ ଗତ କାଲି ସନ୍ଧ୍ୟାରେ ଏକ ଗଛରୁ ଓହ୍ଲାଇବାକୁ ଯାଇ ତାଙ୍କ ଶଳା ଡେଇଁପଡିବାରୁ ସ୍ଲାବରେମାଡ ହେବା ଯୋଗୁ ସେ ଗୁରୁତର ଆହତ ହୋଇଥିଲେ । ପରିବାର ବର୍ଗ ତାଙ୍କୁ ପ୍ରଥମେ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେମାନେ ପ୍ରାଥମିକ ଚିକିତ୍ସାପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏକ୍ସରେ, ଅଲଟ୍ରାସାଉଣ୍ଡ କରିବାକୁ କହି ପଠାଇଦେଇଥିଲେ । ପରିବାର ବର୍ଗ ତାଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ଏକ୍ସରେ ଫଟୋ ଦେଖି ରୋଗୀ ଭଲ ଅଛି ବୋଲି କହି ଘରକୁ ନେଇଯାଅ କହିଥିଲେ। ରୋଗୀଙ୍କର ଯନ୍ତ୍ରଣା କମିବାକୁ ଇଞ୍ଜେକସନ ଦେବା ସହିତ ପରିଶ୍ରା କରାଇଥିଲେ । ରୋଗୀଙ୍କ ଘର ପ୍ରାୟ ୬୦ କିଲୋମିଟର ଦୂର ହୋଇଥିବାରୁ ସେ ଯିବାକୁ ମନାକରିଥିଲେ ।

ରାତିରେ ଯନ୍ତ୍ରଣା ବଢିବା ସହିତ ଡାକ୍ତର ରାଉଣ୍ଡରେ ଆସିଲେ ଦେଖିବେ ବୋଲି ନର୍ସ କହିଥିବା ବେଳେ କୌଣସି ଡାକ୍ତର ରାତିରେ ଆସିନଥିଲେ । ସକାଳେ ଅଧିକ ଯନ୍ତ୍ରଣା ହେବାରୁ ପରିବାର ବର୍ଗ ତାଙ୍କୁ ଚିକିତ୍ସାପାଇଁ ଆଣିଥିଲେ । ସକାଳସାଢେ ଆଠଟା ପର୍ଯ୍ୟନ୍ତ କୌଣସି ଡାକ୍ତର ଆସିନଥିଲେ । ରୋଗୀକୁ ଚିକିତ୍ସା କରିବା ତ ଦୂରର କଥା ଡାକ୍ତରଙ୍କ ଅବହେଳା ଯୋଗୁ ଯୁବକ ଜଣକ ମୃତ୍ୟୁ ବରଣ କରିଥିଲେ । ଏହି ଘଟଣାକୁ ନେଇ ହେମନ୍ତ କୁମାର ସାମଲ ଏପରି ଅବହେଳା ଯୋଗୁ ଚିକିତ୍ସାଳୟରେ ରୋଗୀମାନେ ମୃତ୍ୟୁ ବରଣ କରୁଥିବାର ଅଭିଯୋଗକରିବା ସହିତ ଡାକ୍ତରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି । ସେହିପରି ମୃତକଙ୍କ ସାନଭାଇ ଡାକ୍ତରଙ୍କ ଅବହେଳା ଯୋଗୁ ତାଙ୍କ ଭାଇର ମୃତ୍ୟୁ ଘଟିଥିବାର ଅଭିଯୋଗ କରିବା ସହିତ ସଠିକ ସମୟରେ ଡାକ୍ତର ଚିକିତ୍ସାଳୟକୁ ନଆସିବା ଯୋଗୁ ମୃତ୍ୟୁ ଘଟିଛି । ଡାକ୍ତରଙ୍କୁ ଗିରଫ କରିବା ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି । ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅବହେଳା ଯୋଗୁରୋଗୀ ମୃତ୍ୟୁ ନୂଆ ହୋଇନଥିବା ବେଳେ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି ।

# କୋଇଲା ପରିବହନରେ ରେକର୍ଡ଼ କଲା ଲିଙ୍ଗରାଜ ଲୋକାଲ ସେଲ୍



ତାଳଚେର, (ସବ୍ୟୁ) : ତାଳଚେର ଲିଙ୍ଗରାଜ କୋଇଲା ଖଣିରୁ ବିଭିନ୍ନ କଳକାରଖାନାକୁ ଦୈନନ୍ଦିନ ଶହଶହ ଟ୍ରିପ୍ କୋଇଲା ପରିବହନ ହୋଇଥାଏ । ଗତ ୨୦୨୬ ମାର୍ଚ୍ଚମାସରେ ୧୦ହଜାର ୯ଶହ ୫୯ ଟ୍ରିପ୍ ତଥା ୩ଲକ୍ଷ ୧୦ହଜାର ଟନ୍ କୋଇଲା ପରିବହନ କରି ୩୦ବର୍ଷର ରେକର୍ଡ଼ ସୃଷ୍ଟି କରିପାରିଛି ।

ଲିଙ୍ଗରାଜ ଜିଏମ ସୁବ୍ରତ ବିଶ୍ୱାଳ, ପିଓ ଆଶିଷ ରଞ୍ଜନ, ମ୍ୟାନେଜର ଯଶୋବନ୍ତ ପଟ୍ଟନାୟକ, ଡ଼େସପାଚ ଇନଚାର୍ଜ ପ୍ରଭାକର ପ୍ରଧାନଙ୍କ ପ୍ରଚେଷ୍ଟାରେ ଆଜି ଏହା ସମ୍ଭବ ହୋଇପାରିଛି ବୋଲି ଆଂଚଳିକ ଟ୍ରକ ମାଲିକସଂଘ ଓ ଲିଙ୍ଗରାଜ ସେକଫରର ସଭାପତି ମାନସ ଆଚାର୍ଯ୍ୟ, ଜିତେନ୍ଦ୍ର ଭୂତିଆ, ଉମାମାଧବ ଆଚାର୍ଯ୍ୟ, ଅଜିତ୍ ମିଶ୍ର, ତ୍ରିଲୋଚନ ସ୍ୱାଇଁ, ସୁଧିର ରଞ୍ଜନ ବଳ, ମାନସ ଭୂତିଆ, ପ୍ରିତମ ଦେବତା, ଜିତେନ୍ଦ୍ର ରାଉତ, ରାଜ ଦାସ ଓ ଅନ୍ୟାନ୍ୟ ଟ୍ରକମାଲିକ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ଲୋକାଲସେଲ୍ କିପରି ଅଧିକରୁ ଅଧିକ ଟ୍ରକ ଯୋଗେ କୋଇଲା ପରିବହନ ହୋଇପାରିବ ଟ୍ରକ ମାଲିକମାନେ ସମସ୍ତ ସହାୟତାର ହାତ ବଢ଼ାଇବେ ବୋଲି ଶ୍ରୀ ଭୂତିଆ ପ୍ରକାଶ କରିଛନ୍ତି ଓ ଏଥିନେଇ ମହାନଦୀ କୋଲଫିଲଡ଼ସ୍ ଲିମିଟେଡ୍ ସିଏମ ଶ୍ରୀ କାଓଲେ ଖଣିର କର୍ମଚାରୀମାନଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

# ପ୍ରବଳ ଖରାରେ ରାସ୍ତା ନିର୍ମାଣ କାର୍ଯ୍ୟରେ ଶ୍ରମିକ



ବଆଁରପାଳ, (ସବ୍ୟୁ) : ବଆଁରପାଳ - ଅନୁଗୋଳ ପୁରୁଣା ୫୫ ନମ୍ବର ଜାତୀୟ ରାଜପଥ ନାଲକୋ ଛକଠାରେ ପ୍ରବଳ ଖରାରେ ବିନା ସୁରକ୍ଷା ଉପକରଣରେ ଶ୍ରମିକମାନେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଛନ୍ତି । ରାଜ୍ୟରେ ଏବେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ସରକାର ଦିନ ୧୧ରୁ ୩ଟା ପର୍ଯ୍ୟନ୍ତ କୌଣସି ଶ୍ରମିକ ଖରାରେ କାର୍ଯ୍ୟ କରିବେ ନାହିଁ ବୋଲି ନିର୍ଦ୍ଦେଶ ନାମା ଜାରି କରିଛନ୍ତି । କିନ୍ତୁ ଏହାକୁ ଖାତିରି କରୁନାହାନ୍ତି ଶିଳ୍ପ ପ୍ରତିଷ୍ଠାନର ଠିକାଦାର ମାନେ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଲୋନୀ ଦୁଇ ନମ୍ବର ଗେଟ ନିକଟରେ। ଆଜି ମଧ୍ୟାହ୍ନ ପ୍ରାୟ ସାଢ଼େ ବାରଟା ସମୟରେ କିଛି ମହିଳା ଓ ପୁରୁଷ ଶ୍ରମିକ ବିନା ସୁରକ୍ଷା ଉପକରଣରେ ରାସ୍ତାରେ ପିଚୁ କାମ କରୁଥିଲେ । ସବୁଠାରୁ ଆଶ୍ଚର୍ଯ୍ୟ ଲାଗୁଥିଲା ଘଟଣା ସ୍ଥଳରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଏଭଳି କାର୍ଯ୍ୟ ଚାଲୁଥିଲା । ସେହିପରି ଦୁଇ ଦିନ ତଳେ ଟାଉନସିପି ଛକଠାରେ ଶ୍ରମିକମାନେ ବିନା ସୁରକ୍ଷା ଉପକରଣରେ ମଧ୍ୟାହ୍ନ ପର୍ଯ୍ୟନ୍ତ କେନାଲ ଉପରେ ବ୍ରିଜ ନିର୍ମାଣ କାର୍ଯ୍ୟ କରୁଥିଲେ । ସରକାରଙ୍କ ନିର୍ଦ୍ଦେଶ ନାମାଙ୍କୁ ଫୁ କରି ଶ୍ରମିକମାନଙ୍କୁ ବିନା ସୁରକ୍ଷାରେ ମଧ୍ୟାହ୍ନ ପର୍ଯ୍ୟନ୍ତ କାର୍ଯ୍ୟ କରାଉଛନ୍ତି ଶିଳ୍ପ ସଂସ୍ଥାର ଠିକାଦାର ମାନେ । ଏଭଳି ବେଆଇନ କାରବାର ଚାଲୁଥିବା ବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ଶ୍ରମ ବିଭାଗ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହି ବିଷୟରେ ଜଦି କୋଣସି ଶ୍ରମିକ ଅଭିଯୋଗ କରେ ତାକୁ କାମରୁ ବାହାର କରି ଦିଆଯାଉଛି । ଏଣୁ ଭୟରେ କେହି ମୁହଁ ଖୋଲୁ ନାହାନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଭାଇବୋହୂଙ୍କୁ ମାଡ଼ ଅଭିଯୋଗ

ଠାକୁରଗଡ଼ ,(ସବ୍ୟୁ) : ଠାକୁରଗଡ଼ ଥାନା ଆଡେଶ୍ୱର ଗ୍ରାମର ଝୁନୁବାଳା ନାୟକଙ୍କୁ ତାଙ୍କ ଦେଢଶୁର ଯୋଗେଶ୍ୱର ନାୟକ ଏକ ଟାଙ୍ଗିଆ ଆକ୍ରମଣ କରିଥିବା ଠାକୁରଗଡ଼ ଥାନା ରେ ଝୁନୁବାଳା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତକରି ପୋଲିସ ନମ୍ବର ୭୧/୨୬ ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି ଯେ, ଝୁନୁବାଳା ଘରେ ଥିବା ବେଳେ ଜମି ବାଡ଼ି ସମସ୍ୟାକୁ ନେଇ ଯୋଗେଶ୍ୱର ଆସି ତାଙ୍କୁ ଅସଭ୍ୟ ଭାସାରେ ଗାଳି ଗୁଲଜ କରିଥିଲେ। ଏ ନେଇ ସେ ପ୍ରତିବାଦ କରିବାରୁ ତାଙ୍କୁ ଏକ ଟାଙ୍ଗିଆ ରେ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି।

# ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ

ହିନ୍ଦୋଳ,(ସବ୍ୟୁ) : ଢ଼େଙ୍କାନାଳ ଜିଲ୍ଲା ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ଗତ ୨୪ ତାରିଖ ଠାରୁ ଆରମ୍ଭ ହୋଇଥିବା ଜାତୀୟ ସେବା ଶିବିର ଉଦଯାପିତ ହୋଇଛି। ପ୍ରୋଗ୍ରାମ ଅଫିସର ବ୍ରଜକିଶୋର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ସେବା ଶିବିରରେ ଗ୍ରାମ ସଫେଇ, ସ୍ୱଳ୍ପ ସଞ୍ଚୟ, ବୃକ୍ଷରୋପଣ, ନିଶା ନିବାରଣ , ନାରୀ ଶିକ୍ଷା, କୁସଂସ୍କାର ଦୂରୀକରଣ,ଯୋଗ , ଜଳଛତ୍ର ଭଳି କାର୍ଯ୍ୟ କରିଥିଲେ। ମହାବିଦ୍ୟାଳୟ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନ ସଭାରେ ସ୍ଥାନୀୟ ଡାକ୍ତର ଚୈତନ୍ୟ ଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମାନବସେବା ମନୁଷ୍ୟର ଶ୍ରେଷ୍ଠ ଧର୍ମ, ଏଥିପାଇଁ ମନରେ ଆନ୍ତରିକ ଓ ଦୃଢ଼ ମନୋବଳ ରହିବା ଆବଶ୍ୟକ ବୋଲି ଶିବିରାର୍ଥୀ ମାନଙ୍କୁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ରୂପେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ନିମଳ ଚନ୍ଦ୍ର ପାଣିଗ୍ରାହୀ ଓ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ ପ୍ରତ୍ୟେକ ଶିବିରାର୍ଥି ଜୀବନକୁ କୃତାର୍ଥ କରିବା ନିମିତ୍ତ ପ୍ରତ୍ୟେକ ମାନବ ସେବାରେ ବ୍ରତୀ ହେବା ବିଧେୟ ବୋଲି ମାର୍ଗ ଦର୍ଶନ ଦେଇଥିଲେ। ମୁଖ୍ୟଅତିଥି ଶିବିରରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରିବା ପରେ ବାଣିଜ୍ୟ ବିଭାଗର ଅଧ୍ୟାପକ ସୂକ୍ତପ୍ରୀୟ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ଗଠିତ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସହରସ୍ଥିତ ଓଷ୍ଟା ସଙ୍ଘ ସଭାଗୃହରେ ଜିଲ୍ଲାର ଅବସରପ୍ରାପ୍ତ ଶିକ୍ଷକ ଏବଂ କର୍ମଚାରୀମାନଙ୍କର ଏକ ସାଧାରଣ ସଭା ଅନୁଷ୍ଠିତ ହେବା ସହିତ ଏକ ସଙ୍ଘ ଗଠିତ ହୋଇଯାଇଛି। ସଭାପତି ସରୋଜକାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଲୋଚନା ହେବା ସହିତ ଏକ ନିଜନ କମିଟି ଗଠନ ପାଇଁ ଆଲୋଚନା ହୋଇଥିଲା। ବୈଠକରେ ଅଶ୍ୱିନୀ କୁମାର ରାୟ, ଧୃବଚରଣ ଗଡନାୟକ, ମୁରଲୀଧର ସାହୁ, ପ୍ରଶାନ୍ତ କୁମାର ମଲ୍ଲିକ, ସଦାନନ୍ଦ ପତି ଓ ଓଷ୍ଟା ରାଜ୍ୟସଙ୍ଘ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, ଦୁର୍ଗାଚରଣ ମହାପାତ୍ର, ପ୍ରଶାନ୍ତ କୁମାର ଧଳ, ଦେବୀ ପ୍ରସାଦ ମିଶ୍ର, ସନ୍ତୋଷ କୁମାର ପାଣିଗ୍ରାହୀ ଆଲୋଚନାରେ ଅଂଶ ଗ୍ରହଣ କରିବା ସହିତ ସଭାପତି ସରୋଜ କାନ୍ତ ଦାଶ ଏବଂ ଆବାହକ ବିଭୁତି ସାମଲ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପରେ ଏକ ନୂତନ କମିଟି ଗଠନ କରାଯାଇଥିଲା ।

କମିଟିର ସଭାପତି ଭାବରେ ସରୋଜ କାନ୍ତ ଦାଶ, କାଯ୍ୟକାରୀ ସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ଧୃବଚରଣ ଗଡନାୟକ, ସମ୍ପାଦକ ବିଭୁତି ସାମଲ, ଯୁଗ୍ମ ସମ୍ପାଦକ ସଦାନନ୍ଦ ସାହୁ, କୃପାସିନ୍ଧୁ ବେହେରା, ଉପଦେଷ୍ଟା ଭାବରେ ଦୁର୍ଗାଚରଣ ମହାପାତ୍ର, ସନ୍ତୋଷ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ଧଳ, କାର୍ଯ୍ୟକାରୀ ସଦସ୍ୟ ଭାବରେ ଅଶ୍ୱିନୀ ରାୟ,ଚତୁର୍ଭୁଜ ମଲ୍ଲିକ, ସଦାନନ୍ଦ ପାଢୀ, ପ୍ରେମାନନ୍ଦ ଜେନାଙ୍କୁ ମନୋନୀତ କରାଯାଇଥିଲା । ଏହି ବୈଠକରେ ଶୁଭସ୍ମିତା ବେଉରା, ପ୍ରେମାନନ୍ଦ ଜେନା, ଗିରିଶ ଚନ୍ଦ୍ର ବେହେରା ସହାୟତା ପ୍ରଦାନ କରିଥିଲେ ।

# ମହୀଧରପୁର ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଥିବା ୨ ଡକାୟତ ଗିରଫ

ବଆଁରପାଳ, (ସବ୍ୟୁ ) : ବଆଁରପାଳ ବ୍ଲକ ମହୀଧରପୁର ଫାଣ୍ଡି ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଥିବା ଏକ ଡକାୟତି ଗ୍ୟାଙ୍ଗର ଦୁଇଜଣ ଦୁର୍ଦ୍ଦାନ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ । ସେମାନଙ୍କ ନିକଟରୁ ଲୁଟ କାର୍ଯ୍ୟରେ ବ୍ୟବହୃତ ମାରଣାସ୍ତ୍ର, ଦୁଇଟି ହିରୋହୋଣ୍ଡା ବାଇକ, ମୋବାଇଲ ଫୋନ ସହ ଗୋଟିଏ ଓଜନ କଣ୍ଟା ଜବତ କରାଯାଇଛି । ତେବେ ଘଟଣାସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ପୋଲିସକୁ ଚକମା ଦେଇ ଚମ୍ପଟ ମାରିବାରେ ସଫଳ ହୋଇଛି । ଘଟଣାରୁ ପ୍ରକାଶ ଗତ କିଛିଦିନ ଧରି ମହୀଧରପୁର ଓ ଏହାର ଆଖପାଖ ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥିଲା । ବିଳମ୍ବିତ ରାତିରେ ଯାତ୍ରୀ ଓ ସ୍ଥାନୀୟ ବ୍ୟବସାୟୀଙ୍କୁ ଲୁଟ କରୁଥିଲା ଏହି ଗ୍ୟାଙ୍ଗ ଆଜି ସକାଳୁ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମହୀଧରପୁର ଫାଣ୍ଡି ଅଧିକାରୀ ଏକ ସ୍ୱଓ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ । ତେବେ ସାନକେରଜେଙ୍ଗ ଗ୍ରାମ ର ଅର୍ଜୁନ ନାଏକ ଏବଂ ନିଶା ଥାନା ଅନ୍ତର୍ଗତ ଡାବରଗୁଆ ଗ୍ରାମ ର ରୋହନ ନାଏକ କୁ ଆଜି ସକାଳେ ନିଜ ଘରୁ ପୋଲିସ ଗିରଫ କରିଛି । ପୋଲିସ କୁ ଦେଖି ଡକାୟତମାନେ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ, ପୋଲିସ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଥିଲେ ତଲାସି ସମୟରେ ଅଭିଯୁକ୍ତଙ୍କ ନିକଟରୁ ମାରାତ୍ମକ ଟାଙ୍ଗୀ ,ପେଚକସ ମୋବାଇଲ ଫୋନ ସମେତ ଓଜନ କଣ୍ଟା ଉଦ୍ଧାର କରାଯାଇଛି । ତେବେ ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ପୋଲିସ କୁ ଚକମା ଦେଇ ଘଟଣା ସ୍ଥଳରୁ ଖସି ପଳାଇଛି । ପୋଲିସ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଫେରାର ଆସାମୀକୁ ଧରିବା ପାଇଁ ପ୍ରୟାସ ଆରମ୍ଭ କରିଛି ।

# ୱିଜଡମ ଇଣ୍ଟର ନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ

ଆଠମଲ୍ଲିକ (ସବ୍ୟୁ) : ସହର ସ୍ଥିତ ଉଇଜଡମ ଇଣ୍ଟର ନେସନାଲ ସ୍କୁଲ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ର ଅଧ୍ୟକ୍ଷ ନଳିନୀକାନ୍ତ କ୍ଷେତିଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଆଦିତ୍ୟ କୁମାର ସାହୁ, ମୁଖ୍ୟବକ୍ତା ଭାବରେ ଶିକ୍ଷା ସମ୍ବନ୍ଧିତ ନିର୍ଦ୍ଦେଶକ ସତୀନ୍ଦ୍ର ପଟ୍ଟନାୟକ, ସଂମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଭବାନୀ ଶଙ୍କର ମିଶ୍ର, ସ୍କୁଲ ର ନିର୍ଦ୍ଦେଶକ ରାହୁଲ ଦେବ, ଶୁଭେନ୍ଦୁ କୁମାର ସୋନା ଯୋଗଦେଇ ଛାତ୍ରଛାତ୍ରୀଙ୍କ ପ୍ରଥମ ଗୁରୁ ମା ବୋଲି କହିବା ସହିତ ଅଭିଭାବକ ଶିକ୍ଷକ ଓ ଛାତ୍ର ଛାତ୍ରୀ ମିଳିତ ଭାବେ ପ୍ରୟାସ କଲେ ସଫଳତା ମିଳିବ ବୋଲି କହିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସାଗରୀକା ବେହେରାମାଳି ପରିଚାଳନା କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ କଅଁର ।

ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ତତସହିତ ବର୍ଷର ଶ୍ରେଷ୍ଠଛାତ୍ରୀ ଭାବେ ସମୀକ୍ଷା ସାହୁ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଛାତଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା ଶିକ୍ଷୟତ୍ରୀ ଶର୍ମିଷ୍ଠା କର, ବର୍ଷା ସିଂ, ଅଙ୍କିତା ପଣ୍ଡା, ସ୍ନିଗ୍ଧା ମହାପାତ୍ର, ସାତି କର୍ଣ୍ଣ, ଚିତ୍ତସୋଗନ୍ଧିକା ଶତପଥି, ସତ୍ୟଭାମା ସାହୁ, ସହାୟିକା ମନ୍ଦାକିନୀ ବାରିକ ବହୁ ଅଭିଭାବକ ଅଭିଭାବିକା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ସୋମ୍ୟ ରଞ୍ଜନ ପରିଛା ଧନ୍ୟବାଦ ଅର୍ପଣ କରିଥିଲେ ।

# ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ



ତାଳଚେର,(ସବ୍ୟୁ) : ତାଳଚେର ଡ଼ିସିଆଇ କ୍ଲବ ପରିସରରେ ସକାଳ ୧୦ଘଟିକା ସମୟରେ ଉପଖଣ୍ଡ ସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବ ଅବସରରେ ବିଧାୟକ ବ୍ରଜ କିଶୋର ପ୍ରଧାନ, ମୁଖ୍ୟ ଅତିଥିଭାବେ ଉପଜିଲ୍ଲାପାଳ ଆସିଶ ରଞ୍ଜନ ସାହୁ, ସଭାପତି ଭାବେ ଓ ବିଟଂଚି ନାରାୟଣ ସାମଲ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଉପଖଣ୍ଡ ପ୍ରଶାସନ ସିଭିଲଡ଼ିଫେନ୍ସ ଅଧିକାରୀ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳନ୍ଦି ସାହୁ, ରାକେଶ ସେଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପପୁ ବେହେରା ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସକାଳ ୪.୩୦ମିନିଟ୍ ପ୍ରଭାତଫେରି, ୭.୩୦ରେ ତାଳଚେର ଅଂଚଳରେ ରହିଥିବା ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ୩ଟି ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଏକ ପଦଯାତ୍ରା ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ଡ଼ିସିଆଇ କ୍ଲବରେ ଶେଷ ହୋଇଥିଲା । ସକାଳ ୧୦ଘଟିକାରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟ କ୍ରମ ଆୟେଜିତ ହୋଇଥିଲା ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଧନ୍ୟ ବାଦ୍ ଅର୍ପଣ କରି କାର୍ଯ୍ୟ କ୍ରମ ଶେଷ ହୋଇଥିଲା ।

ସେହିଭଳି ମହେଶ ସାହୁଙ୍କ ନେତୃତ୍ୱରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ଆମପ୍ରତିଭା ଆମପରିଚୟ ଅନୁଷ୍ଠାନ ଆଗେଇ ଖବରକାଗଜ ପରିବାର ଓ ତାଳଚେର ସ୍କୃତି ପରିଷଦ ପକ୍ଷରୁ ଶ୍ରୀ ସାହୁଙ୍କ କାର୍ଯ୍ୟାଳୟ ପରିସରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି ।

ସେହିପରି ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୯୧ତମ ଉତ୍କଳ ଦିବସ ସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର କାର୍ଯ୍ୟ କାରୀ ପ୍ରଧାନ ଆଚାର୍ଯ୍ୟ ଅନୀଲ କୁମାର ସାହୁଙ୍କ ଅଧ କ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୱତ ପରିଷଦର ସଭାପତି ଶିକ୍ଷାବିତ୍ ଦିବାକର ବାରିକ, ସମ୍ମାନୀତ ଅତିଥି ଭାବରେ ସଂପାଦକ ବିଭୂତି ଭୂଷଣ ସ୍ୱାଇଁ, କୋଷାଧ୍ୟକ୍ଷ ପଂଚାନନ ବେହେରା ଓ ମୁଖ୍ୟ ବକ୍ତା ଭାବରେ ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଉତ୍କଳର ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ... ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଚତୁର୍ଭୂଜ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଏହି ଅବସରରେ ଅତିଥିମାନେ ଉତ୍କଳ ଦିବସ ପାଳନର ମହତ୍ୱ ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇବା ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରି ବରପୁତ୍ରମାନଙ୍କ ଅତୁଳନୀୟ ଅବଦାନକୁ ସ୍ମରଣ କରିଥିଲେ।

# ଢେଙ୍କାନାଳରେ ଓଡିଶା ଦିବସ ପାଳିତ




ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସଦର ମହକୁମାରେ ଓଡ଼ିଶା ଦିବସ ସମାରୋହ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟ କ୍ରମରେ ରାଜ୍ୟ ସରକାରଙ୍କ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତି ପରିଡା ମୁଖ୍ୟ ଅତିଥିଭାବରେ ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନରେ ସହଯୋଗ କରିଥିବା ମହାପୁରୁଷ ମାନଙ୍କର ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ ।ଓଡିଶାର ଅସୁବିଧାକୁ ନେଇ ସମସ୍ତଙ୍କ ମଧ୍ୟରେ ପୁନଃଜାଗରଣ ଆବଶ୍ୟକ ବୋଲି ସେ ମତବ୍ୟ କ୍ତ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ହିନ୍ଦୋଳ ବିଧାୟୀକା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ,କାମାକ୍ଷାନଗର ବିଧାୟକ ଶତୃଘ୍ନ ଜେନା,ପୌରାଧକ୍ଷା ଜୟନ୍ତୀ ପାତ୍ର ,ଏସପି ଅଭିନବ ସୋନକର ପ୍ରମୁଖ ଯୋଗଦେଇ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇ ପାରିଛି ବୋଲି ପ୍ରକାଶ କହିଥିଲେ। ଆମେ ସମସ୍ତେ ସର୍ବଦା ଓଡିଆ ଭାଷାରେ କଥା କହିବା ଏବଂ ଓଡ଼ିଆ ଆମର ପରିଚୟ ଓ ଗର୍ବ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଛନ୍ତି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏହି ସମାରୋହରେ ଅଧ୍ୟକ୍ଷତା କରି ଭାଷା, ସଂସ୍କୃତି ଓ ପରମ୍ପରା ଓଡିଶାବାସୀଙ୍କୁ ଏକ କରିପାରିଥିଲା। ସେଥିପାଇଁ ଭାଷା ଆନ୍ଦୋଳନ ମାଧ୍ୟମରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଓଡିଶା ଦିବସ ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ରଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ସମାରୋହରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

# ଅଶୋକ ମହାନ୍ତି ଅନୁଗୋଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ

ପାଲଲହଡା,(ସବ୍ୟୁ): ରାଜ୍ୟ ସରକାର ଆଜି ସମଗ୍ର ରାଜ୍ୟର ତିରିଶଟି ଯାକ ଜିଲ୍ଲାର ଯୋଜନା ବୋର୍ଡ ଅଧ୍ୟକ୍ଷ ନିଯୁକ୍ତି ଦେଇଥିବା କ୍ରମରେ ଅନୁଗୋଳ ଜିଲ୍ଲା ପାଇଁ ଯୋଜନା ବୋର୍ଡର ନୂତନ ଅଧ୍ୟକ୍ଷ ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତିଙ୍କୁ ନିଯୁକ୍ତି ଦେଇଥିବାରୁ ପାଲଲହଡା ନିର୍ବାଚନ ମଣ୍ଡଳୀରେ ଖୁସିର ଲହରି ଖେଳିଯାଇଛି ।



ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ସମସ୍ତ ଜିଲ୍ଲା ର ଯୋଜନା ବୋର୍ଡ ର ଅଧ୍ୟକ୍ଷ ଘୋଷଣା କରାଯାଇଥିବା ବେଳେ ଅନୁଗୋଳ ଜିଲ୍ଲା ର ଅଧ୍ୟକ୍ଷ ଭାବରେ ପାଲଲହଡ଼ା ର ବିଧାୟକ ଶ୍ରୀ ମହାନ୍ତିଙ୍କୁ ନିଯୁକ୍ତ କରିଛନ୍ତି । ବିଧାୟକ ଶ୍ରୀ ମହାନ୍ତି ଏହି ଦାୟିତ୍ୱ ପାଇବାପରେ ବିଶେଷ ଭାବରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଢ଼େଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଯେଉଁ ଗୁରୁ ଦାୟିତ୍ୱ ଦେଇଛନ୍ତି ସେଥିପାଇଁ ସେ ତାଙ୍କୁ କୃତଜ୍ଞତା ଜଣାଇବା ସହ ଏହି ଦାୟିକୁ ସେ ସୂଚାରୁ ରୂପେ ପାଳନ କରିବା ସହ ପାଲଲହଡା ତଥା ଅନୁଗୋଳ ଜିଲ୍ଲା ର ବିକାଶ ପାଇଁ ସେ ପ୍ରତିବଦ୍ଧ ବୋଲିପ୍ରକାଶ କରିଛନ୍ତି ।

# ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

## ଯୋଗ ଓ ଧ୍ୟାନ କଲେ ପିଲାଙ୍କ ମଧ୍ୟରେ ଶୃଙ୍ଖଳା ଆସିଥାଏ




ଢେଙ୍କାନାଳ, (ସବ୍ୟୁ ) : ଢେଙ୍କାନାଳ ବାଇପାସ୍ ସ୍ଥିତ ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷିକଉତ୍ସବ ସମ୍ପ୍ରଭା ସୋମବାର ସନ୍ଧ୍ୟାରେ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଦୀପ ପ୍ରଜ୍ୱଳନ ସହିତ ସ୍ୱାଗତ ସଙ୍ଗୀତ ପରିବେଷଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ।

ବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭାତ ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଡାଇରେକଫର ଅପରେସନ ସ୍ୱାମୀ ସତ୍ୟଚୈତନ୍ୟ ଜୀ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ ଶୃଙ୍ଖଳା ଆବଶ୍ୟକ ଯୋଗ ଓ ଧ୍ୟାନ ଦ୍ୱାରା ପିଲାଙ୍କ ମଧ୍ୟରେ ଶୃଙ୍ଖଳା ଆସିଥାଏ।

ପିଲାଙ୍କୁ ଭଲ ମଣିଷ କରିବାରେ ଶିକ୍ଷକ ଓ ମାତା ପିତାଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଆର୍ଟ ଅଫ ଲିଭିଙ୍ଗର ବରିଷ୍ଠ ଟିଚର ସୁଜାତା ମହାନ୍ତି, କାମାକ୍ଷା ପ୍ରସାଦ ଲେଙ୍କା ଓ ପ୍ରଳୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାମନ୍ଦିରର ପ୍ରିନ୍ସିପାଲ ଡ. ସୁନିତା ଦେବୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ କମିଟିର ସେକ୍ରେଟାରୀ ବରିଷ୍ଠ ଆଇନଜୀବୀ ଭାବଗ୍ରାହୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ଟାଇକୋଣ୍ଡ ପ୍ରଦର୍ଶନ, କବିତା ପାଠ, ସାଇବର ସମ୍ପର୍କିତ ନାଟକ, ଗ୍ରୁପ ଡ୍ୟାନ୍ସ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାମନ୍ଦିରର ଭାଇସ ପ୍ରିନ୍ସିପାଲ ସସ୍ମିତା ସିଂହ, ବରିଷ୍ଠ ଶିକ୍ଷକ ଜୟନ୍ତ ବେହେରା, ବରିଷ୍ଠ ଶିକ୍ଷୟିତ୍ରୀ ଜଲି ଲେଙ୍କା, ଭାବନା ସାକ୍ସନା, ନିରୁପମା ସାହୁ, ସ୍ମିତାରାଣୀ ମିଶ୍ର, ମମତା ବିଶ୍ୱାଳ, ସ୍ମିତାଞ୍ଜଳି ଧୀରସାମନ୍ତ, ସସ୍ମିତା ନନ୍ଦ, ସତେନ୍ଦ୍ରଦେବ ଶତପଥୀ, ଜେଯାତିରୂପା ସେନାପତି, ସିଲା ପଟ୍ଟନାୟକ, ବିଜୟ କୁମାର ସ୍ୱାଇଁ, ନିର୍ମାଲ୍ୟ ମଲିକ, ପଦ୍ମାସିନୀ ନାୟକ, ସଙ୍ଗିତାରାଣୀ ମିଶ୍ର, ପ୍ରିୟଙ୍କା ସିଂହ, ସର୍ବେଶ୍ୱର ପାଇଲ, ସୌରାଂଶୁ ଶେଖର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଲୁହାମୁଣ୍ଡାରେ ମା ହିଙ୍ଗୁଳା ଯାତ୍ରା

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମରେ ମଙ୍ଗଳବାର ଦିନ ମା ହିଙ୍ଗୁଳାଙ୍କର ବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସକାଳେ ମା'ଙ୍କ ମନ୍ଦିରରେ ଯଥାରୀତରେ ପୂଜା କରା ଯିବାପରେ ମା'ଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା । ବାଜା, ବାଣ ସହ ଘଣ୍ଟ ବାଦ୍ୟରେ ଗାଁ ଦାଣ୍ଡ କମ୍ପି ଉଠିଥିବା ବେଳେ ମା'ଙ୍କୁ ଶୋଭାଯାତ୍ରା ଅଣାଯାଇଥିଲା । ବିଶେଷ କରି ମା'ଙ୍କୁ ଗ୍ରାମ ପରିକ୍ରମା କରି ଯାତ୍ରା ପଡିଆକୁ ଅଣାଯିବା ପରେ ଯାତ୍ରା ଆରମ୍ଭ କରା ଯାଇଥିଲା । ରଙ୍ଗବେରଙ୍ଗରେ ଯାତ୍ରା ପଡିଆ ସୁସଜିତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରୁ ବ୍ୟବସାୟୀମାନେ ଯୋଗ ଦେଇ ମେଳଣ କରିଥିଲେ । ମା'ଙ୍କ ମନ୍ଦିର ନିକଟରେ ମା ଆର୍ବିଭାବ ହୋଇଥିଲେ । ଏକ ସ୍ଥାନରେ କୋଇଲାରେ ଅଗ୍ନି ଲାଗିଥିବା ବେଳେ ଯାତ୍ରା ଆରମ୍ଭ ହୋଇଥିଲା । ଲୋକଙ୍କ ମନରଞ୍ଜନ ପାଇଁ ଯାତ୍ରା ପରିବେଷଣ ସହ ବିଭିନ୍ନ ସାଂସ୍ତିକ କାର୍ଯ୍ୟକ୍ରମ କରାଯାଇଥିଲା । ସେହିପରି ବଇଣ୍ଡାର ମା' ମଙ୍ଗଳାସାହି ଠାରେ ମା ମଙ୍ଗଳାଙ୍କର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମା ଙ୍କ ମନ୍ଦିରରେ ଯଥା ରୀତିନୀତି ନିୟମ ଅନୁସାରେ ପୂଜା କରାଯାଇଥିଲା । ତପନ ଦେହୁରୀ ପୂଜା କରିଥିବା ବେଳେ ଜଣେ ମାନସିକଧାରୀ ଭକ୍ତଙ୍କ ଦେହରେ ମା ଆର୍ବିଭାବ ହୋଇଥିଲେ । ମାନସିକ ପୂରଣ ପାଇଁ ଅଧିଆ ପଡିଥିବା ଭକ୍ତଙ୍କୁ ଆଶୀର୍ବାଦ କରିବା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିରେ ଲୁଲୁ ସାହୁ, ସର୍ବେଶ୍ୱର ସାହୁ, ଚିହିରୁ ସାହୁ, ସଂଜୀ ବେହେରାଙ୍କ ସମେତ ଅଂଚଳବାସୀ ସହଯୋଗ କରିଥିଲେ ।

